## ଗୋରୁ ବୋଝେଇ ଗାଡ଼ି ଜବତ

କୁଆମରା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ପୋଲିସ ଶୁକ୍ରବାର ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିଛି। ଏଥିର ଥିବା ୬ ଗୋରୁଙ୍କୁ ଉଦ୍ଧାର କରାଯିବା ସହ ଡ୍ରାଇଭର ସମେତ ୩ଜଣଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଡ୍ରାଇଭର ବାଲିଯୋଡ଼ା ଗ୍ରାମର ଡାକ ସିଂ ଓ ଉଠାଣି ନୂଆଗାଁର କିଷାନ ସାହୁ ଏବଂ କଦଳିଆପାଳ ଗ୍ରାମର ସୁନ୍ଦର ମୋହନ ସୋରେନ।

# ‘ବିସ୍ଥାପିତଙ୍କ ସମସ୍ୟା ସମାଧାନ କର’

## ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଆର୍‌ପିଡିଏସ୍‌ସି ବୈଠକ

ବାରିପଦା ଅଫିସ,୧୬।୯

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ସପ୍ତମ ଆର୍‌ପିଡିଏସ୍‌ସି (ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି) ବୈଠକ ବାରିପଦାସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି, ମୋରଡ଼ା ବିଧାୟକ ରାଜ କିଶୋର ଦାସ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ, ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ, ଜଳସମ୍ପଦ ବିଭାଗ (ଆରଆଣ୍ଡଆର)ନିର୍ଦ୍ଦେଶକ ଆଲୋକ କର, ମୁଖ୍ୟଯନ୍ତ୍ରୀ ଇଂ. ତରଣୀସେନ ଧଳ, ବାରିପଦା ଉପଜିଲାପାଳ ଅନ୍ୟା ଦାସ ପ୍ରମୁଖଙ୍କ ସମେତ ୩ ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି, ସୁଚାରୁ କୁମାର ବଳ ଓ ହେମନ୍ତ କୁମାର ସିଂ, ଉପଜିଲାପାଳ ରାଇରଙ୍ଗପୁର ସରୋଜ କୁମାର ଦାଶ, ସମ୍ପୃକ୍ତ ବିଭାଗ ଅଧିକାରୀ ଏବଂ ବିସ୍ଥାପିତ ତଥା ବୁଡ଼ି ଅଞ୍ଚଳର ଜନ ପ୍ରତିନିଧିମାନେ ଯୋଗଦେଇଥିଲେ।

ବୈଠକରେ ସୁବର୍ଣ୍ଣରେଖା ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ରମ ଅନ୍ତର୍ଗତ ବିସ୍ଥାପିତ ଅଞ୍ଚଳର ପୁନର୍ବାସ ଓ ପାରିପାର୍ଶ୍ୱିକ ବିକାଶ ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ବିଶେଷ କରି ଜମ୍ବୀରା, ହଳଦିଆ ଓ ଇଚ୍ଛା ଡ୍ୟାମ (ଜଳଭଣ୍ଡାର) ଅଞ୍ଚଳର ବିସ୍ଥାପିତ ଲୋକଙ୍କ ଥଇଥାନ ସମ୍ପର୍କିତ ବିଭିନ୍ନ ସମସ୍ୟା ମଧ୍ୟରେ ରହିଯାଇଥିବା ବିସ୍ଥାପିତ ପରିବାରକୁ ନିୟମାନୁଯାୟୀ କ୍ଷତିପୂରଣ ଓ ଅନୁକମ୍ପା ସହାୟତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମସ୍ୟାର ସମାଧାନ ପାଇଁ ପ୍ରଶାସନ, ସମ୍ପୃକ୍ତ ବିଭାଗ ଓ ଜନ ପ୍ରତିନିଧିଙ୍କ ସହଯୋଗରେ ପଦକ୍ଷେପ ଗ୍ରହଣ ପୂର୍ବକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ରାଜସ୍ୱ କମିଶନର ଡ. ଦଳାଇ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିସ୍ଥାପିତ କଲୋନୀ ଅଞ୍ଚଳରେ ଗମନାଗମନ, ଆଲୋକ, ପାନୀୟ ଜଳ, ସ୍କୁଲ, ସ୍ୱାସ୍ଥ୍ୟ କେନ୍ଦ୍ର ଇତ୍ୟାଦି ମୌଳିକ ସମସ୍ୟା ଉପରେ ତ୍ୱରିତ ପଦକ୍ଷେପ ନେବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଓ ପିଡି ଆରଆଣ୍ଡଆର ତରଫରୁ ଜୋନ ଅଧିକାରୀ ଉତ୍ତମ କୁମାର ଜେନା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।



ବୈଠକରେ ଉପସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ ଓ ଅନ୍ୟମାନେ।

# ଏଫ୍‌ଏମ୍ କଲେଜରେ ନାବାଳକ ଛାତ୍ରୀଛାତ୍ରଙ୍କୁ ବାଇକ୍ ମନା

ବାଲେଶ୍ୱର ଅଫିସ, ୧୬।୯



ବାଲେଶ୍ୱର ଫକୀରମୋହନ(ଏଫଏମ୍) କନିଷ୍ଠ ମହାବିଦ୍ୟାଳୟରେ ପଢୁଥିବା ୧୮ ବର୍ଷରୁ କମ୍ ବୟସର ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟ ପରିସର ମଧ୍ୟକୁ ବାଇକ୍ ଓ ସ୍କୁଟିଆଣିବାକୁ ବାରଣ କରାଯାଇଛି। ଭାରତ ସରକାରଙ୍କ ୧୯୮୮ ମସିହା ଯାନବାହନ ଚଳାଚଳ ଆଇନର ଉପବିଭାଗ ୪ ଅନୁଯାୟୀ କାର୍ଯ୍ୟ କରାଯାଇଛି। ଏହାଦ୍ୱାରା ମହାବିଦ୍ୟାଳୟ ପରିସର ମଧ୍ୟରେ ଶୈକ୍ଷିକ ବାତାବରଣରେ ପ୍ରଗତି ଆସିବା ସହିତ ଛାତ୍ରୀଛାତ୍ରମାନେ ଅଧ୍ୟୟନରେ ଅଧିକ ମନୋନିବେଶ କରିପାରିବେ ବୋଲି ଅଧ୍ୟକ୍ଷ ପ୍ରଦୀପ କୁମାର ରଣା କହିଛନ୍ତି।

ଅଧ୍ୟାପିକା।ଅଧ୍ୟାପକମାନେ ଶ୍ରେଣୀଗୃହରେ ଅଧ୍ୟାପନା କରିବା ବେଳେ ଛାତ୍ରୀଛାତ୍ରମାନେ ଉଚ୍ଚସ୍ୱରରେ ହର୍ନ ବଜାଇ ଯେଉଁ ବିଶୃଙ୍ଖଳା ସୃଷ୍ଟି କରୁଥିଲେ ସେଥିରେ ରୋକ୍ ଲାଗିବା ସହିତ ମହାବିଦ୍ୟାଳୟ ପରିସର ମଧ୍ୟରେ ମିଛରେ ବାହାସ୍ଫୋଟ ମାରୁଥିବା ଅମନଯୋଗୀ

### ଯାଞ୍ଚ କରିବ ୨୦ ଜଣିଆ ସ୍କ୍ୱାଡ୍

ଛାତ୍ରଙ୍କ କମେଣ୍ଟରୁ ଛାତ୍ରୀମାନେ ମଧ୍ୟ ମୁକ୍ତ ହୋଇପାରିବେ ବୋଲି ପ୍ରଶାସନିକ ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ପ୍ରକାଶ କରିଛନ୍ତି। ଏହି ନିର୍ଦ୍ଦେଶନାମାକୁ ବାସ୍ତବ ରୂପ ଦେବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ଅଧ୍ୟକ୍ଷ ରଣା ଅନଲାଇନ ଓ ଅଫଲାଇନ ମାଧ୍ୟମରେ ନୋଟିସ୍ ଦେଇଛନ୍ତି। ଏଥିପାଇଁ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ନେଇ ଏକ ୨୦ ଜଣିଆ ସ୍କ୍ୱାଡ୍ ଗଠନ କରାଯାଇଛି। ସ୍କ୍ୱାଡ୍ ସଦସ୍ୟମାନେ ଯାଞ୍ଚ ସମୟରେ ଯଦି ୧୮ ବର୍ଷରୁ କମ୍ ବୟସର ଛାତ୍ରୀଛାତ୍ରମାନଙ୍କ ଲାଏସେନ୍ସ ନ ଥାଇ ମହାବିଦ୍ୟାଳୟ ପରିସର ମଧ୍ୟରେ ସ୍କୁଟି ଏବଂ ବାଇକ୍ ଆଣି ଚଳାଇବା ଧରାପଡ଼େ ତେବେ ସେମାନଙ୍କ ଗାଡ଼ିକୁ ଅଟକ ରଖାଯିବା ସହିତ ସେମାନଙ୍କ ଅଭିଭାବକଙ୍କୁ ଡକାଯିବ। ଛାତ୍ରୀଛାତ୍ରମାନଙ୍କଠାରୁ ଆଉ ପୁନର୍ବାର ମହାବିଦ୍ୟାଳୟ ପରିସର ମଧ୍ୟକୁ ଗାଡ଼ି ନ ଆଣିବା ପାଇଁ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ସେମାନଙ୍କ ଗାଡ଼ି ଦିଆଯିବ ବୋଲି ମହାବିଦ୍ୟାଳୟ ସୂତ୍ରରୁ ଜଣାପଡିଛି।

## ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ମାଡ଼ ଘଟଣା

# ଅଭିଯୋଗର ତଦନ୍ତ କଲେ ଏବିଇଓ

ଖଇରା, ୧୬।୯(ଡି.ଏନ.ଏ.)–ବାଲେଶ୍ୱର ଜିଲା ଖଇରା ବ୍ଲକ ମହତୀପୁର ପଞ୍ଚାୟତ ଅଧୀନ ଫଗୁଣା ୟୁପି ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ଜଣେ ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ମାଡ ମାରି ଆହତ କରିଥିବା ନେଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଖଇରା ଚାଇଲ୍ଡଲାଇନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଶିକ୍ଷାଧିକାରୀ ଗୋଲକ ପ୍ରସାଦ ପାଢୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଧର ବେହେରା ଓ ଗୌରାଙ୍ଗ ମହାପାତ୍ର ଶୁକ୍ରବାର ବିଦ୍ୟାଳୟରେ ପହଞ୍ଚି ଏହାର ତଦନ୍ତ କରିବା ସହ ଏହାର ରିପୋର୍ଟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ବେହେରାଙ୍କୁ ପଚାରିବା ପରେ ସେ ମାଡ ଘଟଣାକୁ ସତ ବୋଲି କହିବା ସହ ଛାତ୍ରଜଣକ ଉକ୍ତ ଶିକ୍ଷୟିତ୍ରୀଙ୍କ ପୁଅ ସହ ବିଦ୍ୟାଳୟରେ ନ ଖେଳିବାରୁ ସେ ପ୍ଲାଷ୍ଟିକ ପାଇପରେ ମାଡ ମାରିଥିଲେ। ଫଳରେ ଉକ୍ତ ଛାତ୍ରଙ୍କ ସହ ବସିଥିବା ଅନ୍ୟ ଜଣେ ପିଲା ମାଡରେ ଆହତ ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

# ସ୍ୱୟଂସହାୟିକା ଗୋଷ୍ଠୀକୁ ଦିଆଯାଉ ଖାଉଟି ସାମଗ୍ରୀ ବଣ୍ଟନ ଦାୟିତ୍ୱ

ଭଦ୍ରକ ଅଫିସ, ୧୬।୯

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଟିଲୋ ପଞ୍ଚାୟତରେ ଖାଉଟି ସାମଗ୍ରୀ ଆଣିବା ପାଇଁ ହିତାଧିକାରୀଙ୍କୁ ୪/୫ କି.ମି.ରୁ ଅଧିକ ବାଟ ଯିବାକୁ ପଡୁଛି। ଅସହାୟ, ବୃଦ୍ଧ ଓ ଦିବ୍ୟାଙ୍ଗଙ୍କ ଘରେ ଖାଉଟି ସାମଗ୍ରୀ ସୁଚାରୁରୂପେ ପହଞ୍ଚାଇବାକୁ ସରକାରଙ୍କ ନିୟମ ରହିଥିବା ବେଳେ ଏହି ପଞ୍ଚାୟତରେ ତାହାର ବ୍ୟତିକ୍ରମ ନେଇ ସରପଞ୍ଚ ସଂଗ୍ରାମ ଜେନା ଓ ତାଙ୍କ ସମର୍ଥକମାନେ ଅଭିଯୋଗ କରିଛନ୍ତି।

ପଞ୍ଚାୟତର ୧୫ ୱାର୍ଡରେ ଲୋକସଂଖ୍ୟା ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ। ମାତ୍ର ୩ଟି ରିଟେଲ ପଏଣ୍ଟରେ ଖାଉଟି ସାମଗ୍ରୀ ବଣ୍ଟନ କରାଯାଉଥିବା ବେଳେ ଆଉ ୨ଟି ନୂତନ ପାଇଁ ଗତ ଜୁଲାଇରେ ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଗ୍ରାମବାସୀ ଲିଖିତ ଭାବେ ଜଣାଇଥିଲେ। ଜିଲାପାଳ ଅଭିଯୋଗର ଗୁରୁତ୍ୱକୁ ଅନୁଧ୍ୟାନ

### ଦାବି କଲେ ସରପଞ୍ଚ

କରି ୫ଟି ରିଟେଲ ପଏଣ୍ଟ କରିବା ପାଇଁ ଜିଲା ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବତନ ବ୍ଲକ ଯୋଗାଣ ଅଧିକାରୀ ଏହାକୁ କାର୍ଯ୍ୟକାରୀ କରି ବିଡିଓ ଏବଂ ଅତିରିକ୍ତ ଜିଲାପାଳଙ୍କୁ ଅନୁମୋଦନ ପାଇଁ ଚିଠି ଲେଖି ଜଣାଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଏହାକୁ ଅନୁମୋଦନ ମିଳିନାହିଁ। ଏଣୁ ସ୍ୱୟଂସହାୟିକା ଗୋଷ୍ଠୀ ମାଧ୍ୟମରେ ଖାଉଟି ସାମଗ୍ରୀ ଯୋଗାଣ ଲାଗି ଟିଲୋ ସରପଞ୍ଚ ଜେନା ଦାବି କରିଛନ୍ତି। ସରପଞ୍ଚଙ୍କ ସମେତ ବିଭିନ୍ନ ୱାର୍ଡର ସଭ୍ୟ ଓ ଶତାଧିକ ଗ୍ରାମବାସୀ ବିଡିଓ ଶୁଭଦର୍ଶନ ମିଶ୍ରଙ୍କୁ ଭେଟି ଦାବିପତ୍ର ଦେବା ସହ ଆଲୋଚନା କରିଛନ୍ତି। ଅରୂପା ଧଳ, ରମାକାନ୍ତ ପାଣିଗ୍ରାହୀ, ମାଧବ ବିଶ୍ୱାଳ, ସୁଧା କୁଅଁର, ପବିତ୍ର ପୃଷ୍ଟି, ବିନୋଦ ସାମଲ, ପ୍ରେମାନନ୍ଦ ଜେନା, ସନ୍ତୋଷ ଧଳ, ଆନନ୍ଦ ସାମଲ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଶିକ୍ଷକ, ଛାତ୍ରୀଙ୍କୁ ମାଡ଼ ଘଟଣାରେ ଯୁବକ ଗିରଫ

ଢେଙ୍କିକୋଟ/ପାଟଣା,୧୬।୯(ଡି.ଏନ.ଏ./ସ୍ୱ.ପ୍ର.) : କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ କେତାଙ୍ଗ ଗ୍ରାମରେ ଥିବା ସରକାରୀ ଆଶ୍ରମ ବିଦ୍ୟାଳୟର ଶିକ୍ଷକ ଏବଂ ଛାତ୍ରୀଙ୍କୁ ମାଡ଼ ମାରିବା ଘଟଣାରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଗ୍ରାମର ଶୁକଦେବ ମହାରଣା (୪୫)ବୋଲି ଜଣାପଡ଼ିଛି। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

ପ୍ରକାଶ ଯେ, ଗତ ବୁଧବାର ଆଶ୍ରମ ବିଦ୍ୟାଳୟରେ ଦିବ୍ୟାଙ୍ଗ ଶିକ୍ଷକ ଗଣନାଥ ମହାନ୍ତ ମୋବାଇଲରେ କଥା ହେଉଥିବା ସମୟରେ ଶୁକଦେବ ବିଦ୍ୟାଳୟ ସମ୍ମୁଖରେ ପହଞ୍ଚି ତାଙ୍କୁ ଅତର୍କିତ ଆକ୍ରମଣ କରିବା ସହ ଧକ୍କାମାରି ତଳେ ପକାଇ ଦେଇଥିଲା। ପରେ ତାଙ୍କୁ ଉଠାଇ କଚାଡ଼ି ଦେଇଥିଲେ। ଶିକ୍ଷକ ଦାମୋଦର ସାହୁ ଉଦ୍ଧାର କରିବାକୁ ଆସିବାରୁ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଶିକ୍ଷକଙ୍କୁ ମାଡ଼ ମାରୁଥିବା ଦେଖି ଅଷ୍ଟମ ଶ୍ରେଣୀର ଛାତ୍ରୀ ସସ୍ମିତା ମୁଣ୍ଡା, ସାକ୍ରା ମାଝୀ, ଗପସପ କାପୁଡିଆ ଏବଂ ସୁଦସା ପାତ୍ର ତାଙ୍କୁ ରକ୍ଷା କରିବା ପାଇଁ ଆସିଥିଲା ବେଳେ ଶୁକଦେବ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ପାଟି ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଶିକ୍ଷକ ଓ ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ଦିବ୍ୟାଙ୍ଗ ଶିକ୍ଷକ ଗୁରୁତର ହୋଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଲଭ ମହାନ୍ତଙ୍କୁ ଜଣାଇଥିଲେ। ବିଡିଓ ଏବଂ ପ୍ରଧାନଶିକ୍ଷକ ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ସବ୍‌ଇନ୍ସପେକ୍ଟର ତରଣୀସେନ ବାଗଙ୍କୁ ଫୋନ ଯୋଗେ ଜଣାଇବା ପରେ ସେ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ମାତ୍ର ଶୁକଦେବ ସେଠାରୁ ଫେରାର ହୋଇଯାଇଥିଲେ। ଆହତ ଶିକ୍ଷକ ଘଟଗାଁ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଗୁରୁବାର ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସବ୍‌ଇନ୍ସପେକ୍ଟର ବାଗ୍ ଘଟଣାର ତଦନ୍ତ କରି ଶୁକ୍ରବାର ଶୁକଦେବଙ୍କୁ ଗିରଫ କରି ଘଟଗାଁ ଥାନା କେସ ନଂ – ୧୯୯/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି।

# ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

ଭୋଗରାଇ, ୧୬।୯(ଡି.ଏନ.ଏ.): ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଚୌକି ଗ୍ରାମର ଚନ୍ଦନ ଆଧେକ (୩୦) ନାମକ ଯୁବକ ଶୁକ୍ରବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ଚନ୍ଦନ ସକାଳେ ତାଙ୍କର ନିଜ ନୂତନ ପକ୍କାଘର ଛାତରେ ପାଣି ମଡ଼ାଇବା ପାଇଁ ଘର ପାଖ ଗାଡ଼ିଆରେ ବିଦ୍ୟୁତ୍ ମୋଟର ଚାଲୁ କରୁଥିଲେ। ଏହି ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗାଡ଼ିଆରେ ପଡ଼ିଯାଇଥିଲେ। ପରିବାର ଲୋକେ ଯୁବକଙ୍କୁ ଉଦ୍ଧାର କରି ଜଳେଶ୍ୱରପୁର ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭୋଗରାଇ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୯/୨୦୨୨) ରୁଜୁ କରି ପ୍ରାଥମିକ ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି।









































See Career Appointment on every Wednesday & Saturday

ଧରିତ୍ରୀ
DHARITRI
ଶନିବାର, ୧୭ ସେପ୍ଟେମ୍ବର ୨୦୨୨

## ଔଷଧ ଦୋକାନରୁ ଚୋରି

**ବୈଶିଙ୍ଗା,(ଡି.ଏନ.ଏ.)-** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବଡ଼ଗୁମା ବଜାର ଅଞ୍ଚଳରେ ଥିବା ସାଇରାମ ମେଡିକାଲ ଷ୍ଟୋରରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଦୋକାନ ମାଲିକ ସପନ କୁମାର ସାଆନ୍ତାରା ଅଭିଯୋଗ କରିଛନ୍ତି। ବୈଶିଙ୍ଗା ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଛି। ଦୋକାନରେ ଥିବା ୭୦୦୦ ଟଙ୍କା, ଇନଭର୍ଟର୍, ବ୍ୟାଟେରି ଏବଂ ଔଷଧପତ୍ର ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୭୭/୨୨) ରୁଜୁ ହୋଇଛି।



## ସଂକ୍ଷେପରେ

### କୋଇଲା ଚୋରା ଚାଲାଣ ଘଟଣା
### ଗାଡ଼ି ମାଲିକ ସମେତ ୨ ଗିରଫ

ପଦ୍ମପୁର, ୧୬।୯(ଡି.ଏନ.ଏ.)- ଭଦ୍ରକ ସଦର ବ୍ଲକ ସାବରଙ୍ଗ ପୋଲିସ ଗତ ୨୮ ତାରିଖରେ କୋଇଲା ଚୋରା ଚାଲାଣ ବେଳେ ଇଚ୍ଛାପୁର ବାଲିବିଲି ରାସ୍ତାର ରେଳ ଧାରଣା ପାର୍ଶ୍ୱରୁ ଏକ ପିକ୍‌ଅପ୍ ଭ୍ୟାନ୍ ଜବତ କରିଥିଲା। ଏହି ଘଟଣାରେ ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗାଡ଼ି ମାଲିକ ପୁରୁଣାବଜାର ଅଞ୍ଚଳର ଲକ୍ଷ୍ମୀଧର ବେହେରା ଓ ଚାଳକ ନରେନ୍ଦ୍ର ଦାସ। ସୂଚନାଯୋଗ୍ୟ, ଉକ୍ତ ପିକ୍‌ଅପ୍‌ରୁ ୨ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ଜବତ କରାଯାଇଥିଲା। ଗାଡ଼ି ଚାଳକ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ମାମଲା (ନଂ.୧୩୮/୨୨) ରୁଜୁ ହୋଇଛି।

### ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ରାଇରଙ୍ଗପୁର,୧୬।୯(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ତିରିଙ୍ଗି ଥାନା ଅଧୀନ ଝରାଡିହ ନିକଟବର୍ତ୍ତୀ ରେଳଲାଇନରେ କାର୍ଯ୍ୟକରୁଥିବା ଜୈନିକ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ତିରିଙ୍ଗି ଥାନା ଅନ୍ତର୍ଗତ କୁଦରସାହୀ ଗ୍ରାମର ସୁନାରାମ ମାରାଣ୍ଡିଙ୍କ ପୁଅ ଅଜେନ ମାରାଣ୍ଡି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୬/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

### ଦୁର୍ଘଟଣାରେ ୩ ଯୁବକ ଗୁରୁତର

କୁଳିଅଣା,୧୬।୯(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧୀନ କୋଠାବିଲ୍ଲା ଜଙ୍ଗଲ ମଧ ଦେଇ ଯାଇଥିବା ଧାଙ୍ଗିଡ଼ିଶୋଳ-ଚାନ୍ଦୁଆ ରାସ୍ତାରେ ଶୁକ୍ରବାର ପୂର୍ବାହ୍ନ ୧୧ଟା ସମୟରେ ଦୁଇ ବାଇକ୍ ମଧରେ ଦୁର୍ଘଟଣା ଘଟି ୩ ଯୁବକ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ କୁସୁମାଶୋଳ ଗ୍ରାମର ସ୍ୱରୂପ ଗୋସ୍ୱାମୀ ଓ ବାଙ୍ଗରିପୋଷି ଥାନା ଅନ୍ତର୍ଗତ କଳାବାଡିଆ ଗ୍ରାମର ସୁଦର୍ଶନ ବିନ୍ଧାଣୀ। ଅନ୍ୟ ଜଣଙ୍କର ପରିଚୟ ମିଳି ପାରିନାହିଁ। ସମସ୍ତଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି।

### ବିରୁଡ଼ି ଆକ୍ରମଣରେ ଯୁବକ ଗୁରୁତର

ପାଟଣା,୧୬।୯(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ବ୍ଲକ୍ ପଲାଣଘାଟି ପଞ୍ଚାୟତ କୁମୁଳାବାହାଳି ଗ୍ରାମ ଖଇରନ୍ଧା ସାହିରେ ବିରୁଡ଼ି ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଶୁକ୍ରବାର ଉପରୋକ୍ତ ଗ୍ରାମର ବିଜୁ ମୁଣ୍ଡା ନିକଟସ୍ଥ ଜଙ୍ଗଲକୁ ବଳଦ ଚରାଇବାକୁ ଯାଇଥିଲେ। ସେଠାରେ ଏକ ଉଇ ହୁଙ୍କାରେ ଥିବା ବିରୁଡ଼ି ତାଙ୍କୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାପଡ଼ିଛି।

### ବଢୁଛି ହାତୀ ଉପଦ୍ରବ



ବେତନଟୀ,୧୬।୯(ସ୍ୱ.ପ୍ର.)- ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ କୁରାଡ଼ିକ, ଚହଲାପଦା, ଯାମଶୂଳି ସମେତ ଆଖପାଖ ଗ୍ରାମରେ ୨୧ଟିକିଆ ହାତୀପଲ ଉତ୍ପାତ ଚଳାଇଥିବା ବେଳେ ଗୁରୁବାର କୁରାଡ଼ିକ ଗାଁ ପାର୍ଶ୍ୱବର୍ତ୍ତୀ ଚାଷଜମିରେ ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ବନବିଭାଗର ସୂଚନା ମୁତାବକ ଦୁଇଦିନ ପୂର୍ବରୁ ଝାଡ଼ଖଣ୍ଡୀ ହାତୀ ଆସି ଶିମିଳିପାଳ ହାତୀପଲ ସହିତ ମିଶିଯାଇଛନ୍ତି। ଏହାପରେ ଏକ ୨୧ ଟିକିଆ ହାତୀପଲ ବର୍ତ୍ତମାନ ବୈଶିଙ୍ଗା ଥାନା ଅଧୀନ ସଇତପୁର ଏବଂ ଚାଣ୍ଡିପଦା ପଞ୍ଚାୟତର ବିଭିନ୍ନ ଗାଁରେ ରହିଥିବା ଧାନଚାଷ ନଷ୍ଟ କରିବାରେ ଲାଗିଛନ୍ତି। ପ୍ରତ୍ୟେକ ବର୍ଷ ହାତୀପଲ ପାଚିଲାଧାନ ଖାଇବାକୁ ନଭେମ୍ବର ଶେଷଭାଗକୁ ନଚେତ ଡିସେମ୍ବର ମାସରେ ଓଡ଼ିଶା ଅନୁପ୍ରବେଶ କରୁଥିଲେ। ମାତ୍ର ଏବେ ଚାଷ କାମ ନ ସରୁଣୁ ହାତୀପଲ ଆସି ବ୍ୟାପକ ଫସଲ ନଷ୍ଟ କରିବା ଚାଷୀମାନଙ୍କୁ ଚିନ୍ତାରେ ପକାଇଛି। ଗୁରୁବାର କୁରାଡ଼ିକ ଗ୍ରାମର ସଚ୍ଚିଦାନନ୍ଦ ମହାନ୍ତଙ୍କ ସମେତ ବହୁ ଚାଷୀଙ୍କର ଧାନଫସଲ ହାତୀ ନଷ୍ଟ କରିଥିବା ଜଣାପଡ଼ିଛି।

# ବେଆଇନ କ୍ରଶର ବଢ଼ାଉଛି ପ୍ରଦୂଷଣ

## ପ୍ରଦୂଷଣ ବୋର୍ଡର କାରଣ ଦର୍ଶାଅ ନୋଟିସ

**କେନ୍ଦୁଝର, ୧୬।୯ (ସ୍ୱ.ପ୍ର.)**

ଖଣି ଲିଜ୍ ସୀମା ଭିତରେ ବା ଏହାଠାରୁ ୫ କିଲୋମିଟର ବ୍ୟାସାର୍ଦ୍ଧରେ କୌଣସି କ୍ରସର ପ୍ରତିଷ୍ଠା ହୋଇପାରିବ ନାହିଁ ବୋଲି ଷ୍ଟେଟ ଏନ୍‌ଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି (ଏସ୍‌ଇଆଇଏଏ)ର କଡ଼ା ନିର୍ଦ୍ଦେଶ ରହିଛି। ମାତ୍ର ଏହାର ନିୟମ ଉଲ୍ଲଙ୍ଘନ କରି ଘଟଗାଁ ତହସିଲ ଢେଙ୍କିକୋଟ ରାଜସ୍ୱ ସର୍କଲ ଅନ୍ତର୍ଗତ ଖଣ୍ଡଘରଠାରେ ଏକ ପଥର ଖଣି ନିକଟରେ ଆଦିବାସୀ ଜମିରେ ଏଆରଏସ୍‌ଏସ୍ କମ୍ପାନୀ ଅଧୀନ ଶିବମ କନଡେଭ ନାମକ ସଂସ୍ଥା କ୍ରଶର ପ୍ରତିଷ୍ଠା କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଏହାର ତଦନ୍ତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଥିବା ବେଳେ ରାଜ୍ୟ ପ୍ରଦୂଷଣ ବୋର୍ଡ ଚିଠି ନଂ ୧୫୨୭, ତା ୧୨.୯.୨୦୨୨ରେ ସଂପୃକ୍ତ ସଂସ୍ଥାକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି।

ପ୍ରକାଶ ଯେ, ଖଣ୍ଡଘର ନିକଟ ଖଜୁରିଜୁଆଣୀଠାରେ ଏନ୍‌ଏଚ ୨୦ର ବକେୟା କାମ ପାଇଁ ଏକ ପଥର ଖଣି ଲିଜ ଦିଆଯାଇଛି । ତେବେ ଏହା ପରିସରରେ ଶିବମ କନଡେଭ ସଂସ୍ଥାର ଏକ କ୍ରଶର ଦୀର୍ଘ ବର୍ଷ ଧରି ଚାଲିଆସୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଜିଲା ପ୍ରଶାସନଠାରୁ ସାଇଟିଂ କ୍ରାଇଟେରିଆ ସାର୍ଟିଫିକେଟ ମିଳି ନ ଥିବାବେଳେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିକଟରୁ ମଧ ସିଟିଓ ବା କନସେଣ୍ଟ ଟୁ ଅପରେଟ ନ ପାଇ ବେଆଇନ ଭାବେ କ୍ରଶରଟି ଚାଲିଥିବା ଅଭିଯୋଗ ହୋଇଛି। ଏହି କ୍ରଶରଟି ଖଣ୍ଡଘର ମୌଜାର ଖାତା ନଂ ୫୦, ପ୍ଲଟ ନଂ ୩୬୮ର ଏକ ଘରବାଡି କିସମରେ ୨ ଏକର ୯୦ ଡିସିମିଲ ଆଦିବାସୀ ଜମିରେ ପ୍ରତିଷ୍ଠା ହୋଇଥିବା ସ୍ଥାନୀୟ ଲୋକ ସୂଚନା ଦେଇଛନ୍ତି। ତେବେ ଏସ୍‌ଇଆଇଏଏ ନିୟମ ଉଲ୍ଲଙ୍ଘନ କରି ଶିବମ କନଡେଭ କରିଥିବା କ୍ରଶରକୁ ପ୍ରଶାସନ କିପରି ଅନୁମତି ଦେଇଛି ତାହାକୁ ନେଇ ପରିବେଶବିତମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଖଜୁରିଜୁଆଣୀ ପ୍ରଥମ କ୍ୱାରୀରୁ କେତେ ପଥର ଖନନ ହେଲା ଏବଂ ଖଣ୍ଡଘର କ୍ରଶରରେ କେତେ



କ୍ରଶର ୟୁନିଟ୍।

କ୍ରସିଂ କରି ବ୍ୟବହାର କରାଗଲା ତାହାର ମାପଚୁପ କରାଯାଉନାହିଁ। ସଂରକ୍ଷିତ ଜଙ୍ଗଲ ନିକଟରେ କ୍ରଶର ହୋଇଥିବାରୁ ଜଳ ଓ ବାୟୁ ପ୍ରଦୂଷଣ ଯୋଗୁ ଜଙ୍ଗଲ ଜୀବଜନ୍ତୁ ପ୍ରଭାବିତ ହେଉଛନ୍ତି। କ୍ରଶର ଧୂଳିଧୂଆଁ ଉକ୍ତ ଅଞ୍ଚଳର ପରିବେଶ ପ୍ରଦୂଷିତ କରୁଛି। ଖଣି ଖନନ ସମୟରେ ୧୮ ଫୁଟରୁ କମ ଖନନ ହେବାର ନିୟମ ଥିଲେ ହେଁ ଉକ୍ତ ଖଣିରେ ୫୦ ଫୁଟରୁ ଅଧିକ ଖାଲ କରି ପଥର ଖୋଳାଯାଇଛି। ଏହାଫଳରେ ଗୃହପାଳିତ ପ୍ରାଣୀଙ୍କ ସହ ବନ୍ୟପ୍ରାଣୀ ସଙ୍କଟରେ ପଡିଛନ୍ତି। ଲଘୁ ଖଣିଜ ସମ୍ପଦ ଚୋରି ରୋକିବାକୁ ରାଜସ୍ୱ ବିଭାଗର ଉପରିସ୍ଥ ଅଧିକାରୀ ନିୟମିତ ଯାଞ୍ଚ କରିବାର ନିର୍ଦ୍ଦେଶ ରହିଥିଲେ ହେଁ ଏହା କରାଯାଉ ନ ଥିବାରୁ ବ୍ୟାପକ ରାଜସ୍ୱ ହାନୀ ହେଉଛି। ବିନା ଅନୁମତିରେ କ୍ରଶର ପ୍ରତିଷ୍ଠା ହୋଇଥିବାରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହାକୁ ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏନେଇ ଏଆର୍‌ଏସ୍‌ଏସ୍ ସଂସ୍ଥାର ପରିଚାଳକ ନିହାର ଦାସ କହିଛନ୍ତି ଯେ କ୍ରଶର ପ୍ରତିଷ୍ଠାରେ କୌଣସି ଅନିୟମତତା ହୋଇନାହିଁ । କେନ୍ଦୁଝର ସ୍ଥିତ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର କହିଛନ୍ତି ଏନେଇ ଅଭିଯୋଗ ମିଳିଛି। ଯାଞ୍ଚ କରାଯାଇ ଆଇନଗତ ଭାବରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ଶିମିଳିପାଳରୁ ୨ ଦେଶୀ ବନ୍ଧୁକ ଜବତ



**ଖୁଣ୍ଟା,୧୬।୯(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଡୁକୁରା ବନ୍ୟପ୍ରାଣୀ ବିଭାଗ ପାଟ୍ରୋଲିଂ ସମୟରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରୁ ୨ ଦେଶୀ ବନ୍ଧୁକ ଜବତ କରିଛି। ଅଭୟାରଣ୍ୟର କମ୍ପାର୍ଟମେଣ୍ଟ ଇଡି-୪ର ଚୁନଭାଟି-ଖଲାଡି ଅଞ୍ଚଳରେ ଥିବା ପାଦଚଲା ରାସ୍ତାରେ ଶିକାରୀମାନେ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ପୂର୍ବରୁ ବନ୍ଧୁକ ଦୁଇଟି ଲୁଚାଇ ରଖିଥିଲେ। ଫୁଲବାଡ଼ିଆ ସେକ୍ସନର ଫରେଷ୍ଟର ଆରତୀ ମାରାଣ୍ଡିଙ୍କ ନେତୃତ୍ୱରେ ଏଟିପିଏଫ୍ ଫରେଷ୍ଟ ଗାର୍ଡ଼ ସୁଶାନ୍ତ କୁମାର ବେହେରା ପାଟ୍ରୋଲିଂ କରୁଥିବା ବେଳେ ଏହି ବନ୍ଧୁକ ୨ଟିକୁ ଜବତ କରିଥିଲେ। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ବନ ବିଭାଗ ତଦନ୍ତ ଜାରି ରଖିଛି।

## ଧାରଣାରେ ବସିଲେ ଏନ୍‌ଏସି ସଫେଇ କର୍ମଚାରୀ



ଧାମନଗର ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ସଫେଇ କର୍ମଚାରୀମାନେ ଧାରଣା ଦେଇଛନ୍ତି।

**ଧାମନଗର,୧୬।୯ (ସ୍ୱ.ପ୍ର./ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ଏନ୍‌ଏସିରେ କାର୍ଯ୍ୟରତ ସମସ୍ତ ସଫେଇ କର୍ମଚାରୀ ଦରମା, ଇପିଏଫ୍ ଏବଂ ଇଏସ୍‌ଆଇ ପ୍ରାପ୍ୟ ନ ମିଳିବା ପ୍ରତିବାଦରେ ଶୁକ୍ରବାର ପୂର୍ବାହ୍ନରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଧାମନଗର ଏନ୍‌ଏସି ମାନ୍ୟତା ପାଇବାଠାରୁ ପ୍ରାୟ ୪୦ଜଣ ସଫେଇ କର୍ମଚାରୀ କାର୍ଯ୍ୟାଳୟ ପକ୍ଷରୁ ଠିକା ନିଯୁକ୍ତି ପାଇ କାମ କରି ଆସୁଥିଲେ। କିନ୍ତୁ ଗତ ଜୁଲାଇ ୧ରୁ ସେମାନଙ୍କୁ ଥାର୍ଡ ପାର୍ଟି ଦ୍ୱାରା ପରିଚାଳିତ ହେବା ପାଇଁ ଏକ ସର୍ଭିସ ଏଜେନ୍ସି ଜରିଆରେ ନିଯୁକ୍ତ କରାଯାଇଥିଲା। ଉକ୍ତ ଏଜେନ୍ସି ସେମାନଙ୍କ ପ୍ରଥମ ମାସର ଦରମା ନିର୍ଦ୍ଧାରିତ ସମୟରେ ପ୍ରଦାନ କରିଥିଲା। ପରେ ଏନ୍‌ଏସି ପକ୍ଷରୁ ଗତ ଦୁଇମାସର ଦରମା ଉକ୍ତ ସର୍ଭିସ ଏଜେନ୍ସିକୁ ଚୁକ୍ତି ଅନୁଯାୟୀ ସମସ୍ତ ପ୍ରାପ୍ୟ ପ୍ରଦାନ କରାଯାଇ ନ ଥିବାରୁ ସେମାନଙ୍କୁ ଦରମା ଦିଆଯାଇପାରୁ ନାହିଁ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଯତୀନ୍ଦ୍ର ମିଶ୍ର ଏବଂ ସର୍ଭିସ ଏଜେନ୍ସି ଧାରଣାରତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସମସ୍ତ ପ୍ରକାର ସହଯୋଗ ସହ ତୁରନ୍ତ ସେମାନଙ୍କ ଦରମା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ସ୍କୁଲ ରୂପାନ୍ତରଣ କାର୍ଯ୍ୟର ଭିତ୍ତିପ୍ରସ୍ତର

**ଭଣ୍ଡାରିପୋଖରୀ ,୧୬।୯(ସ୍ୱ.ପ୍ର.)**

୫-ଟି ଯୋଜନାରେ ସାମିଲ ହୋଇଥିବା ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ କୁରିଗାଁ ପଞ୍ଚାୟତର କଣ୍ଟି ଓ ବିଜୟ ଗୋବିନ୍ଦ ଉଚ୍ଚ ବିଦ୍ୟାଳୟରେ ରୂପାନ୍ତରଣ କାର୍ଯ୍ୟ ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସରପଞ୍ଚ ସାଧନାଞ୍ଜଳି ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ଓ ଜିଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି ଯୋଗ ଦେଇଥିଲେ। ଅତିଥିମାନେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ଶୀଘ୍ର କାମ ସାରିବା ପାଇଁ ପରାମର୍ଶ ଦେଇଥିଲେ। ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ନାଥ ଧଳ, ଦିବାକର ଜେନା, ଶରତ ରାଉତ, ଯୁବନେତା ସଦାଶିବ ବଳ, ଅଭୟ ମହାପାତ୍ର, ରାଜେଶ କୁମାର ବାରିକ, ବିଶ୍ୱଜିତ ସାମଲ, ସତୀଶ ରାଉତ, ଭାଗେଶ୍ୱର ବେହେରା, ଇତିକାନ୍ତ ଧଳ, ରମାକାନ୍ତ ସାମଲ, ସୁଧାକର ମହାନ୍ତି, ଦିଲୀପ ଶଙ୍ଖୁଆ, ହରେକୃଷ୍ଣ ବେହେରା, ସଦାନନ୍ଦ ଆଇଚ ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ନେତା ଦେବ ପ୍ରସନ୍ନ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଏଫଡିଆର ପାଣ୍ଠି ହରିଲୁଟ୍ ଅଭିଯୋଗ

**ରୂପସା, ୧୬।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ଧାନହଣ୍ଡା ଗ୍ରାମରେ ଏମ୍‌ଜିଏନଆର୍‌ଇଜିଏସ୍ ଓ ଏଫଡିଆର୍ ପାଣ୍ଠିକୁ ବିଭାଗୀୟ ଜେଇ ଓ ପଞ୍ଚାୟତ କର୍ତ୍ତୃପକ୍ଷ କାର୍ଯ୍ୟ ନ କରି ହରିଲୁଟ୍ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୋଟ ଅନୁଦାନ ରାଶି ୬ ଲକ୍ଷ ୨୦ହଜାର ଟଙ୍କାରେ କାର୍ଯ୍ୟ ନ ହୋଇ ଆତ୍ମସାତ କରାଯାଇଛି ବୋଲି ଧାନହଣ୍ଡା ଗାଁରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗ୍ରାମବାସୀ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ଗ୍ରାମର ଡ. ଭାଗବତ ପ୍ରସାଦ ବେହେରା, ରତ୍ନାକର ଗିରି, ମଧୁସୂଦନ ବାରିକ, ପରମାନନ୍ଦ ବେହେରା, ବରେନ୍ଦ୍ର ଧନ୍ଦା, ପ୍ରତାପ ଧନ୍ଦା ପ୍ରମୁଖ ଚେତାବନୀ ଦେଇଛନ୍ତି।

୨୦୨୧-୨୨ ଆର୍ଥିକ ବର୍ଷରେ ଧାନହଣ୍ଡା ହାଇସ୍କୁଲଠାରୁ ପଳାସବନ୍ଧ ପର୍ଯ୍ୟନ୍ତ ମାଟି, ମୋରମ ରାସ୍ତା ନିର୍ମାଣ ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତରଫରୁ ୫ଲକ୍ଷ ଟଙ୍କା ଅନୁମୋଦିତ ହୋଇଥିଲା। ମାତ୍ର ନିର୍ଦ୍ଧାରିତ ସ୍ଥାନରେ କୌଣସି କାର୍ଯ୍ୟ କରାଯାଇ ନ ଥିବା ସ୍ଥଳେ ଗତ ଜୁନରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ନେଇ ବିଭାଗ ପକ୍ଷରୁ ସୂଚନାଫଳକ ଲାଗିଛି। ସେହିପରି ୨୦୨୧-୨୨ ବର୍ଷରେ ଏଫଡ଼ିଆର ପାଣ୍ଠିରେ ଗଜେନ୍ଦ୍ର ବେହେରାଙ୍କ ଘରଠାରୁ ଅଙ୍ଗନୱାଡ଼ି କେନ୍ଦ୍ର ପର୍ଯ୍ୟନ୍ତ ଏକ ବନ୍ୟା ପ୍ରତିବନ୍ଧକ ବନ୍ଧ କାର୍ଯ୍ୟ ପାଇଁ ୧ଲକ୍ଷ ୨୦ହଜାର ଟଙ୍କା ଅନୁଦାନ ମିଳିଥିଲା। ଉକ୍ତ ପ୍ରୋଜେକ୍ଟ ମୁତାବକ ସେଠାରେ ମଧ କୌଣସି କାର୍ଯ୍ୟ ନ ହୋଇ ସୂଚନାଫଳକ ଲଗାଯାଇଛି। ଉଭୟ ପ୍ରକଳ୍ପରେ ବିଭାଗୀୟ ଜେଇ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ସଲାସୁତୁରାରେ ବ୍ୟାପକ ଦୁର୍ନୀତି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ଜିଲାପାଳ, ବିଡ଼ିଓ ଓ ବିଧାୟକଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ ପ୍ରଶାସନ ପକ୍ଷରୁ ଏଯାବତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଗ୍ରାମବାସୀ।

# ସଙ୍କୁଚିତ ନଦୀ, ପ୍ରଦୂଷିତ ବାତାବରଣରେ ଯୋଡ଼ା

**ଯୋଡ଼ା,୧୬।୯ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳରେ ଥିବା ଖଣିରୁ ସରକାର ଅଜସ୍ର ରାଜସ୍ୱ ଲାଭ କରୁଥିବା ବେଳେ କୋଟି କୋଟି ଟଙ୍କାର ମୁନାଫା ଉଠାଉଛନ୍ତି ଲିଜ୍‌ଧାରୀ। ଖଣି ଖନନରେ ପରିବେଶକୁ ସନ୍ତୁଳନ କରିବାରେ ପ୍ରାୟତଃ ବିଫଳ ହେଉଛନ୍ତି ସରକାର। ଏହାର ଜ୍ୱଳନ୍ତ ଉଦାହରଣ ଯୋଡ଼ା ଅଞ୍ଚଳରେ ଥିବା ନଦୀ ଓ ପ୍ରାକୃତିକ ନାଳ ତଥା ପାହାଡି ଝରଣା । ଏକ ଅବଲୋକନରୁ ଜଣାପଡ଼େ ଯେ, ଜୁରୁଡ଼ିର ଜୀବନରେଖା ଦଲ୍‌କି ନାଳ, ବାମେବାରି ଅଞ୍ଚଳର ହାଣ୍ଡିଭଙ୍ଗା ଝରଣା, ଜରିବାହାଲ ନିକଟରେ ଥିବା ବିଲୁପ୍ତ ପ୍ରାୟ ପାହାଡି ଝରଣା, ଶୃଙ୍ଖଳା ବନ୍ଧ, ଦେଓଝର ଅଞ୍ଚଳର ମୂର୍ଗା ନାଳ। ଏହି ଝରଣା ଓ ନାଳଗୁଡ଼ିକର ଜଳ ସ୍ରୋତ ହ୍ରାସ ପାଉଥିବା ବେଳେ ଖଣି ପ୍ରଦୂଷିତ ଏହି ନାଳଗୁଡ଼ିକର ଜଳ ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ପ୍ରଦୂଷଣର ମାତ୍ରା ଏତେ ଅଧିକ ଯେ, ମାଛ ମରି ଜଳରେ ଭାସୁଛନ୍ତି। ଅଞ୍ଚଳରେ ଥିବା ୩ ନଦୀ ବୈତରଣୀ, ସୁନା, କାରୋ ସମ୍ପୂର୍ଣ୍ଣ ପ୍ରଦୂଷିତ ହୋଇଗଲାଣି । ନଦୀଗୁଡ଼ିକ ଅବବାହିକାରେ ଥିବା ଖଣିଗୁଡ଼ିକର ମୃତ୍ତିକା କ୍ଷୟ ଯୋଗୁ ନଦୀ ପୋତି ହୋଇ ସତ୍ତା ହରାଇବାକୁ ବସିଛି ବୋଲି ବରିଷ୍ଠ ଶିକ୍ଷାବିତ୍ ସୋମନାଥ ମହାନ୍ତି କହିଛନ୍ତି। ବୈତରଣୀ କେନ୍ଦୁଝର ଜିଲା ଗୋନାଶିକାରୁ ବାହାରିବା ପରେ ଖଣି ଅଞ୍ଚଳ ସ୍ପର୍ଶ କରି କ୍ରମଶଃ ସଙ୍କୁଚିତ ହେବା ସହ ଜଳ ସ୍ରୋତ କମୁଥିବା ଚିତ୍ତରଞ୍ଜନ ମହାନ୍ତି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଶିଳ୍ପର ବର୍ଜ୍ୟବସ୍ତୁ ସିଧାସଳଖ ନଦୀରେ ମିଶିବା ଦ୍ୱାରା ପ୍ରଦୂଷିତ ଜଳରେ ସ୍ନାନ କଲେ ଦେହ ହାତ କୁଣ୍ଡାଇ ହେବା ସହ ଆଖି ପୋଡୁଛି। ହଜାର ହଜାର ଭାରି ଯାନ ଚଳାଚଳ ହେତୁ ଏକପ୍ରକାର ଧୂଳିର ବାତାବରଣ ସୃଷ୍ଟି ହେଉଛି। ଏହାର ମୁଖ୍ୟ କାରଣ ସମ୍ପର୍କରେ ଅଞ୍ଚଳବାସୀ କହିଛନ୍ତି, ଖଣି ଖନନ ଅନୁପାତରେ ଚାରା ରୋପଣ କରାଯାଇ ଜଙ୍ଗଲ ସୃଷ୍ଟି କରାଯାଉ ନାହିଁ। ଖଣିରେ ରିକ୍ଲାମେସନ ପଦ୍ଧତିକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଉଛି। ଗାର୍ଡ ୱାଲ ଦିଆଯାଉ ନାହିଁ। ଜଳ ସିଞ୍ଚନ କରାଯାଉ ନାହିଁ। ପ୍ରଦୂଷଣ ବିଭାଗ ଏ ବାବଦରେ ମୁହଁ ମଧ ଫିଟାଉ ନାହିଁ। ଏ ଦିଗରେ ସରକାର ଦୃଢ଼ ନୀତି ପ୍ରଣୟନ କରିବାକୁ ସେମାନେ ଦାବି କରିଛନ୍ତି।

## ସାପ କାମୁଡ଼ାରେ ଶିଶୁ ମୃତ

**ସାରସକଣା,୧୬।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଉମାଦେଇପୁର ପଞ୍ଚାୟତ ଅନ୍ତର୍ଗତ ପାଣିଶୋଳ ଗ୍ରାମରେ ସାପ କାମୁଡ଼ାରେ ଜଣେ ଶିଶୁଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଜୟକୃଷ୍ଣ ଦାସଙ୍କ ୪ ବର୍ଷର ପୁଅ ପୃଥ୍ୱୀରାଜ। ରାତିରେ ମା'ବାପାଙ୍କ ସହିତ ଶୋଇଥିଲା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ସଙ୍ଗେସଙ୍ଗେ ତାଙ୍କୁ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାରିପଦା ପିଆରଏମ୍ ମେଡିକାଲ ନିଆଯାଇଥିଲା। ସେଠାରୁ କଟକ ବଡ଼ ମେଡିକାଲ ନିଆଯାଉଥିବା ସମୟରେ ବାଲେଶ୍ୱର ନିକଟରେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ଝାରପୋଖରିଆ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩୧/୨୨)ରୁଜୁ ହୋଇଛି।

## ଦୁର୍ଗାପୂଜା ଲାଗି ଶାନ୍ତି କମିଟି ବୈଠକ

**ବେତନଟୀ,୧୬।୯ (ଡି.ଏନ.ଏ./ସ୍ୱ.ପ୍ର.)**

ଶାରଦୀୟ ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ବେତନଟୀ ଥାନା ପରିସରସ୍ଥିତ ଅଭ୍ୟର୍ଥନା କକ୍ଷରେ ସମସ୍ତ ସାର୍ବଜନୀନ ଦୁର୍ଗାପୂଜା କମିଟି ଏବଂ ଯାତ୍ରା କମିଟିର କର୍ମକର୍ତ୍ତାଙ୍କୁ ନେଇ ଏକ ଶାନ୍ତିକମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକକୁ ଥାନା ଆଇଆଇସି ରେଣୁବାଳା ସାହୁ ପରିଚାଳନା କରିଥିଲେ। ବୈଠକରେ ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା କମିଟି, କଙ୍କାକାଳିଆ, ବଙ୍ଗଳାଛକ, ଆନନ୍ଦବଜାର, ବାହାନଡ଼ା ଦୁର୍ଗାପୂଜା କମିଟି ସମେତ ଦୁଇଟି ଯାତ୍ରାକମିଟିର କର୍ମକର୍ତ୍ତା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ସଂଘ ଏବଂ ସିଭିଲ ସୋସାଇଟିର କର୍ମକର୍ତ୍ତା ଓ ସଦସ୍ୟଗଣ ମଧ ସାମିଲ ଥିଲେ। ବେତନଟୀ ଏବଂ ସଠିଲୋ ପଞ୍ଚାୟତର ସରପଞ୍ଚ, ବିଦ୍ୟୁତ୍, ଗ୍ରାମ୍ୟ ଉନ୍ନୟନ, ସ୍ୱାସ୍ଥ୍ୟ ଓ ଅଗ୍ନିଶମ ବିଭାଗ ଅଧିକାରୀ ଏବଂ କର୍ମଚାରୀମାନେ ମଧ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଓ ପୂଜା କମିଟିର କର୍ମକର୍ତ୍ତା।

# ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ ପ୍ରତିବାଦରେ ଫାଣ୍ଡି ଘେରାଉ

**ବାହାନଗା, ୧୬।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଫାଣ୍ଡି ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ଓ ନୂଆପୁର ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ ପ୍ରତିବାଦରେ ଦୁଇଟି ରାଜନୈତିକ ଦଳର ପ୍ରତିନିଧି ଓ ନିବାଚିତ ପ୍ରତିନିଧିଙ୍କ ସମେତ କର୍ମୀମାନେ ଗୋପଳପୁର ଫାଣ୍ଡି ଘେରାଉ କରିବା ସହିତ ଧାରଣାରେ ବସିଥିଲେ। ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର ପହଞ୍ଚିବା ପରେ ୫ ଦଫା ଦାବି ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ୭ ଦିନ ମଧରେ ଅଭିଯୁକ୍ତମାନଙ୍କୁ ଯଦି ଗିରଫ କରା ନ ଯାଏ ତା'ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

ଗତ ୩ ତାରିଖ ରାତିରେ ନୂଆପୁର ପଞ୍ଚାୟତର ସରପଞ୍ଚଙ୍କୁ ଶାସକ ଦଳର କେତେକ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ସରପଞ୍ଚ ଅଟଳ ବିହାରୀ ରାଉତ ଗୁରୁତର ଆହତ ହୋଇ ବାଲେଶ୍ୱର ଓ କଟକରେ ଚିକିତ୍ସିତ ହେବା ପରେ ଏବେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ପୋଲିସ ଲୋକଦେଖାଣିଆ ଭାବେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନଙ୍କୁ ଏପର୍ଯ୍ୟନ୍ତ ଗିରଫ କରିବାରେ ବିଫଳ ହୋଇଛି । ସେହିପରି ଫାଣ୍ଡି ସମ୍ମୁଖ ଦେଇ ବାଲେଶ୍ୱର ଅଞ୍ଚଳରୁ ଭିନ୍ନ ଭିନ୍ନ ଗାଡିରେ ହଜାର ହଜାର ଚୋରା ଦେଶୀମଦ ଚାଲାଣ ହେଉଥିବା ବେଳେ ପୋଲିସ ସେମାନଙ୍କୁ ସୁରକ୍ଷା ଦେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହା ପ୍ରତିବାଦରେ ଗୋପାଳପୁର ଫାଣ୍ଡି ଘେରାଉ ସହ ଧାରଣା ଦିଆଯାଇଥିଲା। ଧାରଣାସ୍ଥଳରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋର ଭାଜପା ନେତା ରାକେଶ ମଲ୍ଲିକ ସଭାପତିତ୍ୱ କରିଥିଲେ। ସତ୍ୟନାରାୟଣ ଦାଶ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତ୍ରୀ ବାସନ୍ତୀ ସାମଲ, ପୂର୍ବତନ ବିଧାୟକ ସୁରେନ୍ଦ୍ର ପ୍ରସାଦ ପ୍ରମାଣିକ, ଭାଜପାର ମୃତ୍ୟୁଞ୍ଜୟ ଯେନା, ରବୀନ୍ଦ୍ର ମହାଳିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସରସ୍ୱତୀ ମହାଳିକ, କଂଗ୍ରେସର ୧୮ନମ୍ବର ଜୋନର ଜିଲା ପରିଷଦ ପ୍ରାର୍ଥୀ କାଶୀନାଥ ଦାସ, ସୁଧାକର ଆଚାର୍ଯ୍ୟଙ୍କ ସମେତ କଲ୍ୟାଣି ପଞ୍ଚାୟତ ସମିତିସଭ୍ୟ, ତାଳକୁରୁଣିଆ ସରପଞ୍ଚ, ସମିତିସଭ୍ୟା, ଆରୁହାବାଡ ସରପଞ୍ଚ, ସମିତିସଭ୍ୟ ଓ କର୍ମୀମାନେ ଯୋଗ ଦେଇ ଫାଣ୍ଡି ଘେରାଉ କରିବା ସହିତ ଧାରଣାରେ ବସିଥିଲେ।



ଭାଜପା ଓ କଂଗ୍ରେସ କର୍ମୀମାନେ ଫାଣ୍ଡି ଘେରାଉ କରିଛନ୍ତି।

